# Third Round of Foreign Office Consultations between India and El Salvador

September 18, 2021

## ଭାରତ ଏବଂ ଏଲ୍ ସାଲଭାଡୋର ମଧ୍ୟରେ ତୃତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ସେପ୍ଟେମ୍ବର 18, 2021**

1. ଭାରତ ଏବଂ ଏଲ୍ ସାଲଭାଡୋର ମଧ୍ୟରେ ତୃତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି) 17 ସେପ୍ଟେମ୍ବର 2021 ରେ ସାନ୍ ସାଲଭାଡୋରଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ସଚିବ (ପୂର୍ବ) ଶ୍ରୀମତୀ ରିଭା ଗାଙ୍ଗୁଲି ଦାସ ନେଇଥିବାବେଳେ ଏଲ୍ ସାଲଭାଡୋର ଦଳର ନେତୃତ୍ୱ ବୈଦେଶିକ ବ୍ୟାପାର, ଏକୀକରଣ ଏବଂ ଅର୍ଥନୈତିକ ପ୍ରୋତ୍ସାହନ ମନ୍ତ୍ରୀ ତଥା ରାଷ୍ଟ୍ରଦୂତ ମାନ୍ୟବର ଶ୍ରୀମତୀ ଆଡ୍ରିଆନା ମାରିଆ ମୀରା ନେଇଥିଲେ।

2. ଏଫଓସି ସମୟରେ ଉଭୟ ପକ୍ଷ ଉଭୟ ଦେଶ ମଧ୍ୟରେ ଥିବା ନିବିଡ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଉଲ୍ଲେଖ କରିଥିଲେ ଏବଂ ସ୍ୱାସ୍ଥ୍ୟ, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ, ପର୍ଯ୍ୟଟନ, ଜଳଜୀବ କୃଷି, ଶକ୍ତି, ପରିବହନ, ବିମାନ ଚଳାଚଳ ଏବଂ ଭିତ୍ତିଭୂମି, ସଂସ୍କୃତି, କନସୁଲାର ଏବଂ ବିକାଶ ସହଭାଗୀତା ସମେତ ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କର ସମ୍ପୂର୍ଣ୍ଣ ସମୀକ୍ଷା କରିଥିଲେ। ସାର୍ବଜନିକ କୂଟନୀତି କ୍ଷେତ୍ରରେ ସର୍ବୋତ୍ତମ କାର୍ଯ୍ୟ ପଦ୍ଧତି ଆଦାନପ୍ରଦାନ କରିବାକୁ ଉଭୟ ପକ୍ଷ ନିଷ୍ପତ୍ତି ନେଇଥିଲେ।

3. ମିଳିତ ଜାତିସଂଘରେ ସହଯୋଗ ସମେତ ପାରସ୍ପରିକ ଆଗ୍ରହର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ ଏବଂ ବହୁପକ୍ଷୀୟ ମଞ୍ଚରେ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ।

4. ଏଫଓସି ସମୟରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅଧିନସ୍ଥ ସୁଷମା ସ୍ୱରାଜ ବୈଦେଶିକ ସେବା ସଂସ୍ଥାନ (ଏସଏସଆଇଏଫଏସ) ଏବଂ ଏଲ୍ ସାଲଭାଡୋରର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅଧିନସ୍ଥ କୂଟନୈତିକ ତାଲିମ ପାଇଁ ସ୍ୱତନ୍ତ୍ର ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆଇଇଇଏସଏଫଓଆରଡି) ମଧ୍ୟରେ ଏକ ଏମଓୟୁ ବିନିମୟ ହୋଇଥିଲା।

5. ବନ୍ଧୁତ୍ୱପୂର୍ଣ୍ଣ ଏବଂ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। ଦ୍ୱିପାକ୍ଷିକ ସମ୍ପର୍କକୁ ବିସ୍ତାର ଏବଂ ଆହୁରି ମଜବୁତ କରିବା ପାଇଁ ଉଭୟ ପକ୍ଷ ମିଳିତ ଭାବେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ସେପ୍ଟେମ୍ବର 17, 2021**

**DISCLAIMER: This is an approximate translation. The original is available in English on MEA's website and may be referred to as the official press release.**